# ଶିକ୍ଷାଦୀକ୍ଷା

● ବୈଷ୍ଣବ ପାଣି

**କବି ପରିଚୟ :**

ପ୍ରସିଦ୍ଧ ଗୀତିନାଟ୍ୟ ସ୍ରଷ୍ଟା ବୈଷ୍ଣବ ପାଣି (୧୮୮୨-୧୯୫୬) କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳରେ ଥିବା କୋଠପଦା ଗାଁରେ ଜନ୍ମଗ୍ରହଣ କରିଥିଲେ । ନିଜର ପ୍ରତିଭା ଓ ସାଧନା ବଳରେ ସେ ବହୁ ଗୀତିନାଟ୍ୟ, ପାଲା, ଭଜନ, ଜଣାଣ ଇତ୍ୟାଦି ରଚନା କରିଯାଇଛନ୍ତି । ତାଙ୍କ ରଚନାର ଲାଳିତ୍ୟ, ଉପଯୁକ୍ତ ଶବ୍ଦ ସଂଯୋଜନା ପାଠକମାନଙ୍କୁ ମୁଗ୍ଧ କରେ । ଓଡ଼ିଆ ସାହିତ୍ୟରେ ବୈଷ୍ଣବ ପାଣି 'ଗଣକବି' ଭାବରେ ପରିଚିତ । 'ମେଘନାଦ ବଧ', 'ରଙ୍ଗସଭା', 'କାର୍ତ୍ତବୀର୍ଯ୍ୟ ସଂହାର', 'ପ୍ରହ୍ଲାଦ ଚରିତ', 'ରାମ ବନବାସ', 'କର୍ଣ୍ଣ ବଧ', 'ଦକ୍ଷଯଜ୍ଞ' ପ୍ରଭୃତି ତାଙ୍କର କେତୋଟି ସ୍ମରଣୀୟ ରଚନା ।

ଏହି କବିତାରେ ପିତାପୁତ୍ର, ଭାଇଭାଇର ସଂପର୍କ, ସତ୍ୟନିଷ୍ଠା, ଅହଂକାରଶୂନ୍ୟତା, ନାରୀର ପତିଭକ୍ତି ଓ ଭଗବତ୍ ପ୍ରେମର ମହିମା ବର୍ଣ୍ଣିତ ।

---

**ଶି**କ୍ଷା କର ପିତୃଭକ୍ତି, ଦୀକ୍ଷା କର ଏହି ନୀତି,

ଭିକ୍ଷା କର ପଛେ ସତ୍ୟ ବାଟ ନ ଛାଡ଼ ।

ଭାଇରେ ଭାଇରେ ସ୍ନେହ, କେମନ୍ତ ଦେଖିଲ କହ,

ବୃଥା ଅହଂକାରେ ନରେ ଆଉ ନ ପଡ଼ । ପଦ ।

ସୀତାଠାରୁ ପତିବ୍ରତା, ଶିକ୍ଷା କର ଏହି କଥା,

ଶିଖାଇ ମହିଳାଗଣେ ସୁଯଶ ଲୋଡ଼ ।

ପୁତ୍ରେ ପିତା-ସ୍ନେହ କେଡ଼େ, ପୁତ୍ର ବିନେ ପ୍ରାଣ ଛାଡ଼େ,

ଭାଙ୍ଗି କେ ପାରିବ ଗୂଢ଼ ସ୍ନେହର ବାଡ଼ ।୧।

ଦେବତା ହୋଇଲେ ସୁଦ୍ଧା, ନ ଛାଡ଼ଇ ବିଘ୍ନ-ବାଧା,
ଯେତେ ସାବଧାନେ ଗଲେ ଖସଇ ଗୋଡ଼ ।
ପୀଡ଼ନା ମନକୁ କେଭେ, ଜଡ଼ି ମାୟା-ମୋହ ଲୋଭେ,
ସବୁ ସୁଖ ମିଳେ ଚିତ୍ତ କରିଲେ ଦୃଢ଼ ।
ରାମବନବାସ ଦେଖି, ହେ ଦର୍ଶକେ ହୁଅ ସୁଖୀ,
ସେ ପଦପଙ୍କଜେ ଧାୟି କରକୁ ଯୋଡ଼ ।
ମୂଢ଼ ବଇଷ୍ଣବ ଆଶ, କରିଛି ହେବାକୁ ଦାସ,
ଯା ଯୋଗେ ଜିଣିଲା ହନୁ ସୁବର୍ଣ୍ଣ ଗଡ଼ ।

## ସୂଚନା :

ଏହି କବିତାଟି ବୈଷ୍ଣବ ପାଣିଙ୍କ 'ରାମବନବାସ' ଗୀତିନାଟ୍ୟରୁ ସଂଗୃହୀତ । ପିତୃସତ୍ୟ ପାଳନ ଉଦ୍ଦେଶ୍ୟରେ ଦଶରଥନନ୍ଦନ ଶ୍ରୀରାମ ବନଗମନ କରିଥିଲେ । ସାଙ୍ଗରେ ଯାଇଥିଲେ ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣ । ରାମଙ୍କ ବନଗମନ ବେଳେ ଭରତ ଥିଲେ ମାମୁଘରେ । ରାମଙ୍କ ବନଗମନ ଦୁଃଖକୁ ସହି ନ ପାରି ଦଶରଥ ପ୍ରାଣତ୍ୟାଗ କରିଥିଲେ । ଅଯୋଧ୍ୟାକୁ ଫେରିବା ପରେ ଭରତ ସବୁ କଥା ଜାଣିବାକୁ ପାଇଲେ । ଶ୍ରୀରାମଙ୍କୁ ଫେରାଇ ଆଣିବା ପାଇଁ ସେ ତାଙ୍କ ଅନ୍ୱେଷଣରେ ଅରଣ୍ୟକୁ ଯାଇଥିଲେ । ଚିତ୍ରକୂଟ ନାମକ ସ୍ଥାନରେ ଭାଇମାନଙ୍କ ସହ ଦେଖା ହେଲା । ଅଯୋଧ୍ୟା ଫେରିବାଲାଗି ଭରତ ଯେତେ ଅନୁନୟ କଲେ ମଧ୍ୟ ଶ୍ରୀରାମ ରାଜି ହୋଇ ନ ଥିଲେ । ନିଜ ସାନଭାଇ ଭରତ ପ୍ରତି ଅଧିକ ସ୍ନେହ ଥିବାରୁ ତାଙ୍କୁ ଶ୍ରୀରାମ ନିଜର ପାଦୁକା ପ୍ରଦାନ କରିଥିଲେ । ପ୍ରବୋଧନା ଦେଇ ତାଙ୍କୁ ଅଯୋଧ୍ୟାକୁ ବାହୁଡ଼ାଇ ଦେଇଥିଲେ । ଶ୍ରୀରାମଙ୍କ ପାଦୁକାକୁ ସିଂହାସନରେ ସ୍ଥାପନ କରି ଭରତ ଶ୍ରୀରାମଙ୍କ ସେବକ ଭାବରେ ଚଉଦବର୍ଷକାଳ ରାଜ୍ୟଶାସନ କରିଥିଲେ । ରାମାୟଣବର୍ଣ୍ଣିତ ଏହି ଆଖ୍ୟାୟିକାର ଶିକ୍ଷଣୀୟ ଦିଗ ଉପରେ କବିତାଟି ଆଧାରିତ ।

ଦୀକ୍ଷା - ଦୃଢ଼ ସଂକଳ୍ପ
ଅହଙ୍କାର - ନିଜକୁ ଖୁବ୍ ବଡ଼ ଭାବିବା, ଗର୍ବ
ନରେ - ଲୋକମାନେ
ପତିବ୍ରତା - ଯେଉଁ ସ୍ତ୍ରୀ ନିଜର ସ୍ୱାମୀଙ୍କୁ ଖୁବ୍ ଭଲ ପାଏ, ଭକ୍ତି କରେ
ଗୂଢ଼ - ଅପ୍ରକାଶିତ, ଗୁପ୍ତ
ମାୟା - ଭ୍ରାନ୍ତି, ଛଳନା
ମୋହ - ଆସକ୍ତି
ମୂଢ଼ - ଜ୍ଞାନହୀନ, ନିର୍ବୋଧ
ଦାସ - ସେବକ
ଆଶ - ଆଶା, ଅଭିଳାଷ
ସୁବର୍ଣ୍ଣ ଗଡ଼ - ଲଙ୍କାନଗରୀ

# ପ୍ରଶ୍ନାବଳୀ

**ସଂକ୍ଷିପ୍ତ ଉତ୍ତରମୂଳକ :**

୧. ‘ଶିକ୍ଷାଦୀକ୍ଷା’ କବିତାଟି ବୈଷ୍ଣବ ପାଣିଙ୍କ କେଉଁ ଗୀତିନାଟ୍ୟର ଅନ୍ତର୍ଗତ ?

୨. ‘ଶିକ୍ଷାଦୀକ୍ଷା’ କବିତାରେ ରାମାୟଣବର୍ଣ୍ଣିତ କେଉଁ ଘଟଣାର ପରବର୍ତ୍ତୀ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି ?

୩. ଶ୍ରୀରାମଙ୍କ ପିତାଙ୍କ ନାମ କ’ଣ ?

୪. କାହାର ଆଜ୍ଞା ପାଳନ କରି ରାମ ବନବାସକୁ ଯାଇଥିଲେ ?

୫. ରାମଙ୍କ ସହିତ ଆଉ କିଏ କିଏ ବନବାସକୁ ଯାଇଥିଲେ ?

୬. ଭରତ କିଏ ?

୭. ରାମ ବନକୁ ଯିବାବେଳେ ଭରତ କେଉଁଠାରେ ଥିଲେ ?

୮. କେଉଁ ପରିସ୍ଥିତିରେ ରାଜା ଦଶରଥ ପରଲୋକ ଗମନ କରିଥିଲେ ?

୯. ଭରତ ଅଯୋଧ୍ୟାକୁ ଫେରି କ’ଣ ଦେଖିଲେ ?

୧୦. ରାମଙ୍କୁ ଫେରାଇ ଆଣିବାପାଇଁ ଭରତ କ’ଣ କଲେ ?

୧୧. ରାମଙ୍କ ସହିତ ଭରତଙ୍କର କେଉଁ ସ୍ଥାନରେ ସାକ୍ଷାତ୍ ହୋଇଥିଲା ?

୧୨. ଅଯୋଧ୍ୟାକୁ ଫେରିବାପାଇଁ ରାମ ନାସ୍ତି କଲେ କାହିଁକି ?

୧୩. ଭରତଙ୍କୁ ପ୍ରବୋଧନା ଦେବାପାଇଁ ରାମ କ’ଣ କରିଥିଲେ ?

୧୪. ଅଯୋଧ୍ୟାକୁ ଫେରି ଭରତ କିପରି ଭାବରେ ରାଜ୍ୟଶାସନ କଲେ ?

୧୫. ‘ଶିକ୍ଷା କର ପିତୃଭକ୍ତି, ଦୀକ୍ଷା କର ଏହି ନୀତି’ - ଏ କଥା କିଏ କହିଛନ୍ତି ?

୧୬. କବିତାର ପ୍ରଥମ ଚାରିଧାଡ଼ି ମଧ୍ୟରେ କେଉଁ କେଉଁ ବିଷୟ ଶିକ୍ଷା କରିବାଲାଗି କୁହାଯାଇଛି ?

୧୭. ‘ଭାଇରେ ଭାଇରେ ସ୍ନେହ, କେମନ୍ତ ଦେଖିଲ କହ’, - ଏଠାରେ କେଉଁ କେଉଁ ଭାଇଙ୍କ ବିଷୟରେ କୁହାଯାଇଛି ?

୧୮. ଅହଙ୍କାରର ବଶବର୍ତ୍ତୀ ନ ହେବାପାଇଁ କୁହାଯାଇଛି କାହିଁକି ?

୧୯. ସୀତାଙ୍କଠାରୁ ଆମ ଦେଶର ମହିଳାମାନେ କେଉଁ ଗୁଣ ଶିଖିବାପାଇଁ କବି କହିଛନ୍ତି ?

୨୦. ଦଶରଥଙ୍କ ପ୍ରାଣତ୍ୟାଗ ଘଟଣାରୁ କେଉଁ ବିଷୟର ସୂଚନା ମିଳେ ?

୨୧. ମାୟାମୋହରେ ଜଡ଼ିତ ନ ହେବାପାଇଁ କବି କାହିଁକି କହିଛନ୍ତି ?

୨୨. ଚିତ୍ତ ଦୃଢ଼ କରିବା ନିମନ୍ତେ କବି ପରାମର୍ଶ ଦେବାର କାରଣ କ’ଣ ?

୨୩. ‘ସେ ପଦପଙ୍କଜେ ଧାୟି କରକୁ ଯୋଡ଼’ - ଏହା କିଏ କହିଛନ୍ତି ?

୨୪. କାହାର ପଦପଙ୍କଜ ବିଷୟରେ ଏଠାରେ କୁହାଯାଇଛି ?

୨୫. କବି କାହାର ଦାସ ହେବାପାଇଁ ଅଭିଳାଷ ପୋଷଣ କରିଛନ୍ତି ?
୨୬. କବିତାରେ ବର୍ଣ୍ଣିତ ହନୁ କିଏ ?
୨୭. କାହାକୁ ସୁବର୍ଣ୍ଣ ଗଡ଼ କୁହାଯାଇଛି ?
୨୮. କାହା କରୁଣାରୁ ହନୁମାନ୍ ସୁବର୍ଣ୍ଣ ଗଡ଼କୁ ଜିଣିପାରିଥିଲେ ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୨୯. ଭାଇରେ ଭାଇରେ ସ୍ନେହ କେମନ୍ତ ଦେଖିଲ କହ,
ବୃଥା ଅହଂକାରେ ନରେ ଆଉ ନ ପଡ଼ ।

୩୦. ସୀତାଠାରୁ ପତିବ୍ରତା ଶିକ୍ଷା କର ଏହି କଥା,
ଶିଖାଇ ମହିଳାଗଣେ ସୁଯଶ ଲୋଡ଼ ।

୩୧. ପୀଡ଼ନା ମନକୁ କେଭେ ଜଡ଼ି ମାୟା-ମୋହ ଲୋଭେ,
ସବୁ ସୁଖ ମିଳେ ଚିତ୍ତ କରିଲେ ଦୃଢ଼ ।

**ଦୀର୍ଘ ଉତ୍ତରମୂଳକ :**

୩୨. 'ଶିକ୍ଷାଦୀକ୍ଷା' କବିତାରୁ ଆମର ଯାହା ଯାହା ଶିକ୍ଷା କରିବାର ଅଛି ତାହା ବର୍ଣ୍ଣନ କର ।
୩୩. ରାମାୟଣର ବର୍ଣ୍ଣନା ଅନୁସାରେ ପିତାପୁତ୍ରର ସଂପର୍କ ଏବଂ ଭାଇଭାଇର ସଂପର୍କ ବିଷୟରେ ଆଲୋଚନା କର ।
୩୪. କବିତାଟିର ନାମ 'ଶିକ୍ଷାଦୀକ୍ଷା' ରଖାଯିବାର ଯଥାର୍ଥତା ପ୍ରତିପାଦନ କର ।
୩୫. ମନରେ ଅହଂକାର ରହିଲେ ଜଣେ କି କି ଅସୁବିଧାର ସମ୍ମୁଖୀନ ହେବ ସେ ସଂପର୍କରେ ଅନୁଚ୍ଛେଦଟିଏ ଲେଖ ।

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୩୬. 'ଶିକ୍ଷାଦୀକ୍ଷା' କବିତାରେ କବି ଏପରି କିଛି ଶବ୍ଦ ବ୍ୟବହାର କରିଛନ୍ତି ଯେଉଁମାନଙ୍କ ଯୋଗୁଁ କବିତାଟି ଶ୍ରୁତିମଧୁର ହୋଇପାରିଛି । କବିତାଟିକୁ ମନଦେଇ ପଢ଼ି ସେହି ଶବ୍ଦଗୁଡ଼ିକୁ ବାଛି ଲେଖ । (ଉଦାହରଣ : ଶିକ୍ଷା, ଦୀକ୍ଷା)
୩୭. 'ଲୋଭ' ଶବ୍ଦରୁ ନାମଧାତୁ କ୍ରିୟା ଗଠନ କଲେ ହୁଏ 'ଲୋଭାଇବା ବା ଲୋଭେଇବା' । ନିମ୍ନରେ ପ୍ରଦତ୍ତ ଶବ୍ଦରୁ ନାମଧାତୁ କ୍ରିୟା ଗଠନ କରି ସେମାନଙ୍କୁ ବାକ୍ୟରେ ବ୍ୟବହାର କର ।

ବାଟ, ଗୋଡ଼, ମନ, ଆଖି, ହାତ

୩୮. ଏକା ଭଳି ଶୁଭୁଥିବା ଅଲଗା ଅର୍ଥ ଥିବା କେତେଗୁଡ଼ିଏ ଶବ୍ଦ ତଳେ ଲେଖାଯାଇଛି । ସେମାନଙ୍କର ସୁସ୍ପଷ୍ଟ ଅର୍ଥ ପ୍ରକାଶ କରିବା ନିମନ୍ତେ ସେମାନଙ୍କୁ ବ୍ୟବହାର କରି ଭିନ୍ନ ଭିନ୍ନ ବାକ୍ୟ ଗଠନ କର ।

ସୁଧା - ସୁଦ୍ଧା, ଆଶ-ଆସ, ନିତି-ନୀତି, ଦିନ-ଦୀନ, ଜାତ-ଯାତ

୩୯. ମୋହମାୟା, ବାଧାବିଘ୍ନ ଭଳି ଯୁଗ୍ମଶବ୍ଦ ମନରୁ ଭାବି ଏହି ପ୍ରକାରର ଆଉ ଚାରୋଟି ଯୁଗ୍ମଶବ୍ଦ ଲେଖ ।

୪୦. ଲକ୍ଷ୍ମଣଙ୍କ ମା'ଙ୍କ ନାଁ ସୁମିତ୍ରା । ସୁମିତ୍ରାଙ୍କ ପୁଅ ହୋଇଥିବାରୁ ଲକ୍ଷ୍ମଣଙ୍କର ଗୋଟିଏ ନାଁ ହେଉଛି 'ସୁମିତ୍ରାନନ୍ଦନ' ବା 'ସୌମିତ୍ରି' । ନିଜ ମା'ଙ୍କ ନାମ ଅନୁସାରେ ନାମ ଧାରଣ କରିଥିବା ଆଉ ପାଞ୍ଚଜଣ ପୌରାଣିକ ଚରିତ୍ରଙ୍କ ନାମ ଲେଖ ।

୪୧. 'ଭିକ୍ଷା କର ପଛେ ସତ୍ୟ ବାଟ ନ ଛାଡ଼' ।

ଏହି ଧାଡ଼ିଟିର ପ୍ରକୃତ ଅର୍ଥକୁ ନିମ୍ନରେ ପ୍ରଦତ୍ତ ଉତ୍ତର ମଧ୍ୟରୁ ବାଛି ଲେଖ ।

(କ) ପରେ ଭିକ୍ଷା ମାଗିବ ଆଗ ସତ୍ୟକୁ ବାଟ ଛାଡ଼ିଦିଅ ।

(ଖ) ପରେ ଭିକ୍ଷା ମାଗିବ କିନ୍ତୁ ସତ୍ୟର ବାଟ ଛାଡ଼ ନାହିଁ ।

(ଗ) ଯେତେ ଅସୁବିଧା ହେଲେ ବି ସତ୍ୟପଥରୁ ଘୁଞ୍ଚ ନାହିଁ ।

(ଘ) ଭିକ ମାଗି ବଂଚିବାକୁ ହେଲେ ମଧ୍ୟ ସତ୍ୟପଥକୁ ଛାଡ଼ ନାହିଁ ।

## ତୁମପାଇଁ କାମ :

୪୨. ବୈଷ୍ଣବ ପାଣିଙ୍କ ଅନ୍ୟ କିଛି ରଚନା ସଂଗ୍ରହ କରି ପଢ଼ ।

୪୩. ବିଦ୍ୟାଳୟର ଉତ୍ସବରେ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଅଭିନୟର ଆୟୋଜନ କର ।

❖❖❖